# Akashvani, Sambalpur

## SAMBALPURI NEWS BULLETIN

### 4 October 2024- 6.47- 6.52 am.

**********************************************

କେବିନେଟ୍ ବୈଠକ୍ ଆର୍ଏନ୍ୟୁ /ସମ୍ବଲପୁର

ଚାଷୀମାନ୍‌କର୍ ଆୟ ବଢ଼ାବାର୍ ଆଉ ଖାଦ୍ୟ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ବଡ଼ ନିଷ୍ପତି ନେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ବସିଥିବା କେବିନେଟ୍ ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ୍ ଯୋଜ୍‌ନା ଆର୍ କୃଷି ଉନ୍ନତି ଯୋଜ୍‌ନାକେ ଅନୁମୋଦନ୍ ମିଲିଛେ । ଇ ଦୁହି ଯୋଜ୍‌ନା ଲାଗି ସର୍‌କାର୍ ୧ ଲାଖ୍ ୧ ହଜାର୍ ୩ ଶହ ୨୧ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । କେନ୍ଦ୍ର ସୂଚ୍‌ନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ଯେ, କେନ୍ଦ୍ର କେବିନେଟ୍ ୫ ଟା ଭାଷାକେ ଶାସ୍ତ୍ରୀୟ ମାଏନ୍‌ତା ଦିଆଯିବାର୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରିଛେ । ଭାଷା ଭିତ୍‌ରେ ମରାଠୀ, ପାଲି, ପ୍ରାକୃତି, ଅହମିଆ ଆର୍ ବଙ୍ଗଲା ଭାଷା ରହିଛେ । ଶାସ୍ତ୍ରୀୟ ମାଏନ୍‌ତା ମିଲ୍‌ଲେ ଇ ସବୁ ଭାଷାର୍ ପ୍ରସାର୍

ଆର୍ ସଂରକ୍ଷଣ୍ ଲାଗି ପଦକ୍ଷେପ୍ ନିଆଯିବା । ଆଘୋନୁ ଓଡ଼ିଶା ସହେତେ ୬ ଟା ଭାଷାକେ ଶାସ୍ତ୍ରୀୟ ମାଏନ୍ତା ମିଲିଥିବାର୍ ବେଲେ ଇ ସଂଖ୍ୟା ଏଛେନ୍ ୧୧ କେ ପୁହୁଁଚିଛେ । ସେନ୍ତା କେବିନେଟ୍‌ର ଅଲ୍‌ଗା ନିଷ୍ପତି ଅନ୍‌ସାରେ ଆଏବା ପାର୍ବଣ ଲାଗି ରେଲ୍ କର୍ମଚାରୀଙ୍କୁ ୭୮ ଦିନର୍ ବୋନସ୍ ଦିଆଯିବା । ଇ ନିଷ୍ପତି ଲାଗି ରେଲ୍‌ବାଇର ୧୨ ଲାଖ୍ କର୍ମଚାରୀ ଲାଭ୍ ପାଏବେ । ଦଶ୍‌ରା ଆର୍ ଦିଆଲୀ ଛୁଟି ଆଘୋନୁ ଇ ଟଙ୍କା ଦିଆଯିବା । ଇଥିର୍‌ଲାଗି ସର୍‌କାର୍ ୨ ହଜାର୍ ୨୯ କୋଟି ଟଙ୍କା ମଞ୍ଜୁର୍ କରିଛନ୍ ।

ଶିଳ୍ପପତି ସମ୍ମିଲନୀ- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଉଦ୍ୟୋଗ୍‌ପତି ମାନ୍‌କୁ ଓଡ଼ିଶା ନ ଶିଳ୍ପପ୍ରତିଷ୍ଠା କ୍ଷେତ୍ରଥି ବିନିଯୋଗ୍ ଲାଗି ଆମନ୍ତ୍ରଣ୍ କରାଯାଇଛେ । ଶିଳ୍ପ ଅନୁକୂଳ ନୀତି ଲାଗି ଶିଳ୍ପପତିମାନେ ଓଡ଼ିଶା ନ ପୁଞ୍ଜି ବିନିଯୋଗ୍ ଲାଗି ଇଛା କରିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନୂଆଦିଲ୍ଲୀ ନ ଗଲାକାଏଲ୍ ଶିଳ୍ପପତିମାନ୍‌କର୍ ସାଙ୍ଗେ ବୈଠକ୍ ଉତ୍‌ରୁ ଗଣମାଧ୍ୟମ୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରୋଡ୍ ସୋ ଲାଗି ୪

ଶହ ଝନ୍‌କୁ ନିଉତା ଦିଆଯାଇଥିଲା । ହେଲେ ୬ ଶହ ଉଦ୍ୟୋଗପତି ଇଥି ଯୋଗ୍ ଦେଇଥିଲେ । ଆଏବା ଦିନେ ୫ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଓଡ଼ିଶା ନ ନିଶ୍ଚିତ ବିନିଯୋଗ୍ ହେବା ବଲି ବିଶ୍ୱାସ ରହିଥିବାର୍ ମୁଖ୍ୟମନ୍ତ୍ରୀ କହିଛନ୍ ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୯ ତାରିଖ୍ ଦିନ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର ୨ ନମ୍ବର୍ ଖେପ୍ ଟଙ୍କା ମିଲ୍‌ବା ବଲି ଉନ୍ନୟନ୍ କମିଶନର୍ ଅନୁ ଗର୍ଗ କହିଛନ୍ । ଇତାର୍ ଆଘୋନୁ ଆଏବା ୬ ତାରିଖ୍‌ତକ୍ ସବୁ କାମ୍ ସାର୍‌ବାର୍‌କେ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଏବ୍‌ତକ୍ ସୁଭଦ୍ରା ଯୋଜ୍‌ନାଥି ୯୮ ଲାଖ୍ ହିତାଧିକାରୀ ପଞ୍ଜିକରଣ୍ କରିଛନ୍ । ସେଆଡ଼େ ଆଏବା ବଛର୍ ମାର୍ଚ୍ଚ ୮ ତାରିଖ୍ ଆଘୋନୁ ସବୁ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍‌ନା ଟଙ୍କା ମିଲ୍‌ବା ବଲି ସୂଚ୍‌ନା ମିଲିଛେ ।

ପିଏମ୍ କିଷାନ୍ ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି - ପିଏମ୍ କିଷାନ୍ ଯୋଜ୍‌ନାର୍ ୧୮ ନମ୍ବର୍ କିସ୍ତି ଆଏବା କାଏଲ୍ ଦିଆଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଷୀମାନ୍‌କୁ ପିଏମ୍ କିଷାନ୍ ସାହାଜ୍ ଟଙ୍କା ବାଂଟ୍‌ବେ । ଇଥିର୍‌ଲାଗି ଫିଂ' ଜିଲ୍ଲାସ୍ତର୍ ନ ଚାଷୀମାନ୍‌କର୍ ଉପସ୍ଥିତିଥି କାର୍ଯ୍ୟକ୍ରମ୍‌ମାନ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଆର୍ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ୨୦୧୯ ମସିହା ଫେବୃଆରୀ ୨୪ ତାରିଖ୍‌ନୁ ପିଏମ୍ କିଷାନ୍ ଯୋଜନା ମୁଲ୍ ହେଇଥିଲା । ଇ ଯୋଜ୍‌ନାଥି ଫିଂ' ବଛର୍ ୩ ଟା କିସ୍ତିଥି ଚାଷୀମାନ୍‌କୁ ୬ ହଜାର୍ ଟଙ୍କା ଦିଆଯାଉଛେ ।

କୃଷି ଯନ୍ତ୍ରପାତି ମେଳା                    ଆର୍‌ଏନ୍‌ୟୁ / ସମ୍ବଲପୁର

ଫିଂ ବଛର୍ ବାଗିର୍ ଇ ବଛର୍ ଭିଲ୍ କୃଷି ଯନ୍ତ୍ରପାତି ମେଳା ଆଂଚଲିକ୍‌ସ୍ତର୍‌ଥି ହେବା ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଗଲାକାଏଲ୍ ହେଇଥିବା କୃଷି ଯନ୍ତ୍ରପାତି ନିର୍ମାତାଙ୍କର୍ ସମାବେଶଥି ଶ୍ରୀ ସିଂହଦେଓ ଅଧ୍ୟକ୍ଷତା କରିକରି କହିଛନ୍ ଯେ, ବଲାଙ୍ଗିର୍, ବ୍ରହ୍ମପୁର୍, କୋରାପୁଟ୍‌ର ଜୟପୁର୍ ଆର୍ କେନ୍ଦୁଝର୍ ନ

ଇ ମେଳା ଆୟୋଜନ୍ କରାଯିବା । ସେନ୍ତା ଜିଲ୍ଲାସ୍ତରଥି ଆଉ ଉପଖଣ୍ଡସ୍ତର୍ ନ ଭିଲ୍ ଇ ଯନ୍ତ୍ରପାତି ମେଳା ହେବାର୍କେ ଯାଉଛେ ।  ଗଲାକାଏଲ୍ ହେଇଥିବା ସମାବେଶ୍ଥି ରାଜ୍ୟ ଆର୍ ରାଜ୍ୟ ବାହାରୁ କୃଷି ଯନ୍ତ୍ରପାତି ନିର୍ମାତା ମାନେ ଯୋଗ୍ ଦେଇଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରଣାଲୟ-ଜଟିଳ ରୋଗ ଆର୍ଏନ୍ୟୁ /ସମ୍ବଲପୁର

ଭିନ୍ ଭିନ୍ ଜଟିଳ ରୋଗ୍ ବାବ୍ଦେ ସ୍ୱାସ୍ଥ୍ୟମନ୍ତ୍ରଣାଲୟକେ ସବୁ ତଥ୍ୟ ଦେବାର୍ ଆଉ ସେନୁ ଆସୁଥିବା ଚିକିତ୍ସା ମାର୍ଗଦର୍ଶିକାର୍ ଠିକ୍ ଭାବେ ପାଲନ୍ କର୍ବାର୍ଥି ଓଡ଼ିଶା ସାରା ଦେଶେ ୨ ନମ୍ବର୍ ଠାନ୍ ହାସଲ୍ କରିଛେ । ଇଂଟିଗ୍ରେଟେଡ୍ ହେଲ୍ଥ ଇନ୍ଫର୍ମେସନ୍ ପ୍ଲାଟ୍ଫର୍ମ ଜରିଏ ଇଂଟିଗ୍ରେଟେଡ୍ ଡିଜିଜ୍ ସର୍ଭିଲାନ୍ସ ପ୍ରୋଗ୍ରାମ୍ କାର୍ଯ୍ୟକାରୀ କର୍ବାର୍ଥି ଓଡ଼ିଶାକେ ଇ ସଫଲତା ମିଳିଛେ । ରାଜ୍ୟର୍ ୧୦ ଟା ଜିଲ୍ଲା ଇଥି ୯୭ ପ୍ରତିଶତ୍ନୁ ଶହେ ପ୍ରତିଶତ୍ କୃତି ହାସଲ୍ କରିଛନ୍ । ଶ୍ରେଷ୍ଠ ଦେବ୍ଗଡ଼୍ ଜିଲ୍ଲା ଥିବାର୍ ବେଲେ ଇତାର୍ ପଛେ ଯାଜ୍ପୁର୍, ସମ୍ବଲ୍ପୁର୍ ଆର୍ ଆଲ୍ଗା ଜିଲ୍ଲାମାନେ ରହିଛେ । ଚଲ୍ତି ବଛର୍ ଜୁଲାଇ ୨ ତାରିଖ୍ନୁ ଅକ୍ଟୋବର୍ ୧

ତାରିଖ୍ ଭିତ୍‌ରେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକେ ଆଧାର୍ କରିକରି ମନ୍ତ୍ରଣାଳୟ ତର୍‌ଫୁ ଇ ମୂଲ୍ୟାୟନ କରାଯାଇଥିଲା ।

ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ୍‌ମନ୍ତ୍ରୀ  ଆର୍‌ଏନ୍‌ୟୁ /ସମ୍ବଲପୁର

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୌଦ୍ଧ ଆର୍ ସୋନ୍‌ପୁର୍ ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ ଗୁଦାମ୍ ଆର୍ ମିଲ୍‌କେ ଅଚାନକ୍ ପରିଦର୍ଶନ୍ କରିଛନ୍ । ସେନ ହେଉଥିବା ଭିନ୍ ଭିନ୍ ଅନିୟମିତତା ଅଭିଯୋଗ୍‌ର ମନ୍ତ୍ରୀ ଯାଂଚ୍ କରିଥିଲେ । ମିଲ୍ ପରିଚାଳନାକେ ନେଇକରି ମନ୍ତ୍ରୀ ଶ୍ରୀ ପାତ୍ର ଅସନ୍ତୋଷ ହେବାର୍ ସହେତେ ନିମ୍ନମାନର ଚାଉଲ୍ ଯୁଗଉଥିବାର୍ ମିଲରମାନ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ ବୈଠକ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ତର୍ଫୁ ବିକଶିତ୍ ଭାରତ୍-୨୦୪୭ ଆର୍ ବିକଶିତ୍ ଓଡ଼ିଶା - ୨୦୩୬ ଲାଗି ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ଆଏଜ୍ ଗୁଟେ ବୈଠକ୍ ହେବା । ଇ ବୈଠକ୍‌ଥି ଇଥିର୍‌ଲାଗି ସଂସ୍କୃତି ଆଉ ଐତିହ୍ୟ ବାବ୍‌ଦେ ଗୁଟେ ସମ୍ମିଲନୀ କରାଯିବା । ଇଥି ଭିନ୍ ଭିନ୍ ବିକାଶ୍‌ମୂଳକ୍ ଚିନ୍ତାଧାରା ଆଉ କାର୍ଯ୍ୟଖସଡ଼ା ତୟାରି ଉପ୍‌ରେ ଆଲୋଚନା ହେବା । ବୈଠକ୍‌ଥି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଆର୍ ଲୋକକଳା କ୍ଷେତ୍ର ନ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ୍‌ମାନେ ଯୋଗ୍ ଦେଇକରି ନିଜର୍ ମତ ରଖିବେ ।

ଦିବ୍ୟାଙ୍ଗ ଉପକରଣ୍ ବଂଟନ୍ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର୍ କାର୍ଯ୍ୟାଳୟ ପରିସର ନ ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଚିହ୍ନଟ୍ ଆର୍ ଉପକରଣ ବାଂଟ୍‌ବାର୍ ଶିବିର ଗଲାକାଏଲ୍ ହେଇଯାଇଛେ । ଇଥି ଦିବ୍ୟାଙ୍ଗ ମାନ୍‌କୁ ୩ ଚକିଆ ଗାଡ଼ି, ହ୍ୱିଲ୍ ଚେୟାର୍, ଶୁନ୍‌ବାର୍ ଯନ୍ତ୍ର ଭିଲ୍ ବଂଟାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଉତର୍ ବଙ୍ଗୋପ୍ସାଗର୍ ଆର୍ ଇତାର୍ ଆଖର୍ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ହେଲେ ଇ ଲଘୁଚାପ୍ ପ୍ରଭାବ୍ଥି ରାଏଜେ ଖାସ୍ ବର୍ଷା ନାଇଁ ହୁଏ । ଲଘୁଚାପ୍ ଓଡ଼ିଶାନୁ ଦୂରେ ଥିବାର୍ନୁ ଇତାର୍ ପ୍ରଭାବ୍ ଓଡ଼ିଶା ଉପ୍ରେ କମ୍ ରହେବା ବଲି ଆକଲନ୍ କରାଯାଇଛେ । ଇ ଲଘୁଚାପ୍ ଲାଗି ଆଏବା ୩ ଦିନ୍ ଭିତ୍ରେ ରାଜ୍ୟର୍ କେତେ ଜାଗା ନ ଟିକେରଂଚେ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ ।